**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**9 April - 2024**

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୨ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବ । ଭାରତର ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ପ୍ରଥମ ପର୍ଯ୍ୟାୟରେ ୧ ହଜାର ୬୨୫ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ରହିଛି ।ଏଥିମଧ୍ୟରେ ୧ ହଜାର ୪୫୧ ଜଣ ପୁରୁଷ ଏବଂ ୧୩୪ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଚଳିତମାସ ୧୯ ତାରିଖରେ ଅନୁଷ୍ଠିତ ହେବ ।

# ବ୍ୟୟ ପରିଚାଳନା ସମୀକ୍ଷା ବୈଠକ

ରାଜ୍ୟରେ ଲୋକସଭା ସହ ବିଧାନସଭା ଲାଗି ନିର୍ବାଚନ ହେଉଥିବାରୁ, ଏହାକୁ ଦୃଷ୍ଟିରେ ରଖି ବ୍ୟୟ ପରିଚାଳନା ପ୍ରସ୍ତୁତି ସମୀକ୍ଷା କରାଯାଇଛି । ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ଉପରେ କିଭଳି ନଜର ରଖାଯିବ ଓ ସେ ସମ୍ପର୍କିତ ଟିକିନିଖି ତଥ୍ୟ ସଂଗ୍ରହ କରାଯିବ, ସେନେଇ କେନ୍ଦ୍ରୀୟ ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳିନୀ କଶ୍ୟପଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଶ୍ରୀମତୀ କଶ୍ୟପ’ ଆୟକର, ପ୍ରବର୍ତ୍ତନ ବିଭାଗ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ଚଳିତ

ନିର୍ବାଚନରେ ନିର୍ବାଚନ ଆୟୋଗଙ୍କଦ୍ୱାରା ସ୍ଥିରୀକୃତ ଖର୍ଚ୍ଚ ସୀମାକୁ ପାଳନ କରିବା ଲାଗି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

## ନିର୍ବାଚନ ଅଧିକାରୀ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗତକାଲି ଅନୁଗୁଳ ଜିଲ୍ଲା ଗସ୍ତ କରି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବୈଠକରେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା, ନିରପେକ୍ଷ ଓ ଅବାଧ ନିର୍ବାଚନ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ସହିତ ନୂତନ ଭୋଟରମାନେ କିପରି ଅଧିକ ସଂଖ୍ୟାରେ ମତଦାନ କରିପାରିବେ, ସେ ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ ।

ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଗତକାଲି ଇଭିଏମ୍ ଓ ଭିଭିପାଟ୍‌ର ରେଣ୍ଡାମାଇଜେସନ୍ ପ୍ରକ୍ରିୟା ଜିଲ୍ଲାପାଳ ଅବଦୁଲ ଏମ୍ ଅଖତରଙ୍କ ଅଧକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ କରାଯାଇଥିଲା । ସେହିଭଳି ସୁନ୍ଦରଗଡ଼  ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଇଭିଏମ୍ ରେଣ୍ଡୋମାଇଜେସନ କାର୍ଯ୍ୟ ଜିଲ୍ଲାପାଳ ଡକ୍ଟର ପରାଗ ଗାଭାଲୀଙ୍କ ତତ୍ତ୍ୱାବଧାନରେ ନିରୀକ୍ଷଣ କରାଯାଇଥିଲା ।

# ନିଟ୍ ସମୟସୀମା ବୃଦ୍ଧି

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା-ନିଟ୍‌ର ଆବେଦନ ସମୟ ୨ ଦିନ ବୃଦ୍ଧି କରାଯାଇଛି ବୋଲି ଜାତୀୟ ଟେଷ୍ଟିଂ ଏଜେନ୍ସୀ -ଏନ୍‌ଟିଏ ପକ୍ଷରୁ କୁହାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆଜି ଓ ଆସନ୍ତାକାଲି ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଚଳିତବର୍ଷ ନିଟ୍ ପରୀକ୍ଷା ଲାଗି ଆବେଦନର ସମୟସୀମା ଗତମାସ ୧୬ ତାରିଖ ଥିଲା । ଛାତ୍ରଛାତ୍ରୀମାନଙ୍କର ଅନୁରୋଧକୁ ରକ୍ଷାକରି ନିଟ୍ ପକ୍ଷରୁ ଏହି ସୁଯୋଗ ଦିଆଯାଇଛି ।  ସର୍ବଭାରତୀୟ ସ୍ତରରେ ଚଳିତବର୍ଷ ନିଟ୍ ପରୀକ୍ଷା ପାଇଁ ୨୩ ଲକ୍ଷ ୮୧ ହଜାର ୮୨୨ ଜଣ ବିଦ୍ୟାର୍ଥୀ ଆବେଦନ କରିଛନ୍ତି ।

# ଶ୍ରୀମନ୍ଦିର ପ୍ରଶାସନ

ରାଜ୍ୟ ସରକାର ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବୀରବିକ୍ରମ ଯାଦବଙ୍କୁ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ଦେଇଛନ୍ତି ।  ଶ୍ରୀ ଯାଦବ ବର୍ତ୍ତମାନ ପୂର୍ତ୍ତ ବିଭାଗ ସହ ଖାଦ୍ୟ ଓ ଖାଉଟିକଲ୍ୟାଣ ବିଭାଗର ପ୍ରମୁଖ ସଚିବ ଅଛନ୍ତି । ଏଥିସହିତ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

# କନେଷ୍ଟବଳଙ୍କର ପରଲୋକ

ତାମିଲନାଡୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କନେଷ୍ଟବଳ  ପ୍ରମୋଦ କୁମାର ମାଝିଙ୍କର ଗତ ରବିବାର ଦିନ ପରଲୋକ ହୋଇଯାଇଛି ବୋଲି

ରାଜ୍ୟ ପୁଲିସ୍ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି । ସ୍ୱର୍ଗତ ମାଝି ବୌଦ୍ଧସ୍ଥିତ ପଞ୍ଚମ ଆର୍.ଆର୍. ବାଟାଲିୟନ୍‌ରେ କନେଷ୍ଟବଲ ଭାବେ କାର୍ଯ୍ୟରତ ଥିଲେ । ଗତ ୪ ତାରିଖ ଦିନ ତାମିଲନାଡୁର ତ୍ରିଚି ଠାରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ନୂଆପଡ଼ା ଅଞ୍ଚଳର ପ୍ରମୋଦ କୁମାର ମାଝି ୨୦୦୯ ମସିହାରେ ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀର ପଞ୍ଚମ ବାଟାଲିୟନ୍‌ରେ କନେଷ୍ଟବଲ ଭାବେ ଯୋଗ ଦେଇଥିଲେ ।

# ହକି ଇଣ୍ଡିଆ-ଓଡ଼ିଆ ଖେଳାଳି

ହକି ଇଣ୍ଡିଆ ପକ୍ଷରୁ ଜାତୀୟ ହକି କ୍ୟାମ୍ପ ପାଇଁ ୩୩ ଜଣ ସମ୍ଭାବ୍ୟ ଖେଳାଳିଙ୍କ ତାଲିକାରେ ଓଡ଼ିଶାରୁ ୩ ଜଣ ସାମିଲ ହୋଇଛନ୍ତି । ସେମାନେ ହେଲେ ଆଜମିନା କୁଜୁର, ମାଧୁରୀ କିଣ୍ଡୋ ଓ ଜ୍ୟୋତି ଛତ୍ରୀ। ଏହି ଖେଳାଳିମାନେ ଆସନ୍ତାମାସ ୧୬ ତାରିଖରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ ଆୟୋଜିତ ତାଲିମ ଶିବିରରେ ଅଂଶ ଗ୍ରହଣ କରିବେ ।

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ବରଗଡ଼ରେ ଦିନ ତାପମାତ୍ରା ୨୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ୧୭ଟି ସହରର ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଠାରୁ କମ୍ ଥିଲା । ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ

କଳବୈଶାଖୀର ପ୍ରଭାବ ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।